# ତହସିଲ କାର୍ଯ୍ୟାଳୟ, ଭଦ୍ରକ

## ଦ୍ଵିତୀୟ ନିଲାମ ବିଜ୍ଞାପନ

ସଖ୍ୟା ------------------ ତା-----------------------

ଏତଦ୍ଵାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଦ୍ରକ ତହସିଲ ଅଧିନରେ ଥିବା ବାଉଦପୁର ବାଲି ସୈରାତ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ (2017-18 ଆର୍ଥିକ ବର୍ଷଠାରୁ 2021-22 ଆର୍ଥିକ ବର୍ଷ ପର୍ଯ୍ୟନ୍ତ) 5 ବର୍ଷ ପାଇଁ ନିଲାମ ବିଜ୍ଞାପନ ସଂଖ୍ୟା 4869 ତା 28.11.2017 ଅନୁଯାୟୀ ନିଲାମ ବିଜ୍ଞାପନ କରାଯାଇଥିଲା ଏବଂ ତା 23.12.2017 ରେ ନିଲାମ ଚୁଡାନ୍ତ କରାଯାଇଥିଲା । ମାତ୍ର ନିଲାମ ଡାକିଥିବା ପ୍ରଥମ ଓ ଦ୍ଵିତୀୟ ସର୍ବୋଚ୍ଚ ନିଲାମଧାରୀ ନିଲାମ ନେବାକୁ ଅନିଚ୍ଛା ପ୍ରକାଶ କରିବାରୁ ନିଲାମ ଡାକିଥିବା ବ୍ୟକ୍ତିଙ୍କ ଅମାନତ ଅର୍ଥ ବ୍ୟାଜାପ୍ତି ପୂର୍ବକ ଉକ୍ତ ସୈରାତ ଉତ୍ସକୁ ପୁନଃ ନିଲାମ କରାଯିବା ଆବଶ୍ୟକ ହେଉଅଛି। ଏଣୁ ଏହି ଦ୍ଵିତୀୟ ବିଜ୍ଞାପନ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତି / ସଂସ୍ଥାଙ୍କ ଠାରୁ ଖଣିଜ ଦ୍ରବ୍ୟ ରିହାତି ନୀୟମ 2016 (OMMC Rule-2016) ଫାରମ-ଡ (Form-M) ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପାରେ ଦରଖାସ୍ତ ଆହ୍ଵାନ କରାଯାଉଅଛି । ଉକ୍ତ ବିଜ୍ଞାପନ ଓ ବିଜ୍ଞାପିତ ସୈରାତ ଉତ୍ସର ସମସ୍ତ ତଥ୍ୟ, ଆବେଦନ ବିବରଣୀ ଓ ନିୟମାବଳୀ ଭଦ୍ରକ ଜିଲ୍ଲା ସରକାରୀ ୱେବ ସାଇଟ୍ http://bhadrak.nic.in / ତହସିଲ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଭଦ୍ରକ ତହସିଲଦାରଙ୍କ କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

### ନିୟମ ଓ ସର୍ତ୍ତାବଳୀ

1. ଦରଖାସ୍ତ ଫି ସକାଶେ ଟ1000/- ଟ୍ରେଜେରି ଚାଲାଣ ସଂଲଗ୍ନ କରିବେ । (Head of Account-0853-Non-ferrous mining and Metallurgical Industries -102-Mineral concession fees, Rents and Royalties) .
2. ଆବେଦନକାରୀଙ୍କ ଦ୍ଵାରା କୌଣସି ଖଣିଜ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ଦେବେ ।
3. ଦରଖାସ୍ତକାରୀ ଧାର୍ଯ୍ୟ ହୋଇଥିବା ବଇନା ରାଶି (Earnest Money) ଜମାକରି ଏହାର ନିଦର୍ଶନ ସ୍ଵରୁପ ରସିଦ ଦାଖଲ କରିବେ ।
4. ଆବେଦନକାରୀ 1 ବର୍ଷ ନିମନ୍ତେ ନିର୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର (Minimum Guaranteed Quantity) ଲଘୁ ବାଲି ଉତ୍ସପାଇଁ ଦେବାକୁ ଥିବା ରୟାଲଟି ଓ ସଂପୃକ୍ତ

ଆବେଦନକାରୀଙ୍କ ଦ୍ୱାରା ଆବେଦିତ ଅତିରିକ୍ତ ଦେୟ (Additional charge) ପରିମାଣର ଏକ ଶୋଦ୍ଧକ୍ଷମତା ପ୍ରମାଣପତ୍ର (Solvency certificate) କିମ୍ବା 18 ମାସ ନିମନ୍ତେ ସଂପୃକ୍ତ ରାଶିର ଏକ ବ୍ୟାଙ୍କ ପ୍ରତ୍ୟାଭୂତ (Bank Guarantee) ଦାଖଲ କରିବା ହେବେ । ଏହା ସହିତ ଆବେଦନକାରୀ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ଦାଖଲ କରିବେ ।

5. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ , ଦକ୍ଷତା , ଆର୍ଥିକସ୍ଥିତି ଏବଂ ଯନ୍ତ୍ରପାତି ଇତ୍ୟାଦିର ବିବରଣୀ ଦାଖଲ କରିବେ ।

ଦରଖାସ୍ତ ରେଜେଷ୍ଟ୍ରି / ସ୍ପିଡ୍ ପୋଷ୍ଟ ଯୋଗେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ । ଦରଖାସ୍ତ ଗ୍ରହଣର ଶେଷ ତାରିଖ 24.03.2021 ଅପରାହ୍ନ 5 ଘଟିକା । ଧାର୍ଯ୍ୟସମୟ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସ ର ନିଲାମ ଆବେଦନ କାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତାରିଖ 24.03.2021 ଅପରାହ୍ନ 5 ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୁଡାନ୍ତ କରାଯିବ । କୌଣସି କାରଣରୁ ପ୍ରଥମଦିନ ନିଲାମ ହୋଇନପାରିଲେ ଦ୍ୱିତୀୟ ଦିନ ତା 25.03.2021 ରିଖରେ ନିଲାମ କରାଯିବ ।

ପ୍ରଥମ ଓ ଦ୍ୱିତୀୟ ତାରିଖରେ ନିଲାମ ହୋଇନପାରିଲେ ତୃତୀୟ ନିଲାମ ତା26.03.2021ରିଖରେ ଚୁଡାନ୍ତ କରାଯିବ ।

ତହସିଲଦାର, ଭଦ୍ରକ
Tahasildar, Bhadrak

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ପରିସରଭୁକ୍ତ ରହିବେ ।

୨. ଆବେଦନକାରୀ ଲିଜପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲି ଉତ୍ସ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ବାଲି ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ନିମିତ୍ତ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ ।

୩. ଲିଜପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୫. ବାଲି ପାଇଁ ସର୍ବନିମ୍ନ, ରୟାଲଟି ମୂଲ୍ୟ ଘନମିଟର ପ୍ରତି (Per Cubic Meter) ୩୫ ଟଙ୍କା ।

୬. ସରକାରୀ ଭାବେ ଘନମିଟରେ ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଦରଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

୭. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲଟି ମୂଲ୍ୟ ଦର୍ଶାଇଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।

୮. ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବା ନିମନ୍ତେ ନିଲାମର ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ । ଆବେଦନକାରୀ- ରୟାଲଟି, ଅତିରିକ୍ତ ଦେୟ, ପରିବେଶ ପରିଚାଳନା ଅର୍ଥ (Environment Management Fund), ଡେଡ ରେଣ୍ଟ (Dead rent) ଓ ସରଫେସ୍ ରେଣ୍ଟ (Surface rent) ଇତ୍ୟାଦି ପାଇଁ ଦେବାକୁ ଥିବା ଆର୍ଥିକ ଦେୟ, ସମସ୍ତ ଦେୟର ୨୫% ଏବଂ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ରଖାଯିବ । ଏହି ଅମାନତ ରାଶି ବିନା ସୁଧ (Interest Free) ରେ ରଖାଯିବ । ପୁନଶ୍ଚ ଆବେଦନକାରୀ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ Mining plan ଓ ପରିବେଶ ମଞ୍ଜୁରୀ ହାସଲ କରିବେ । ନଚେତ୍ ଉପରୋକ୍ତ ଅମାନତ ରାଶି ବାଜ୍ୟାପ୍ତି କରାଯିବ । ଦରଖାସ୍ତକାରୀ ଦରଖାସ୍ତ ବର୍ଣ୍ଣିତ ରୟାଲଟି ମୂଲ୍ୟ ଅନୁଯାୟୀ ସମସ୍ତ ସରକାରୀ ଦେୟ ନିୟମ ଅନୁଯାୟୀ ଯଥା ସମୟରେ ପଇଠ କରିବେ ।

୯. ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ (Orissa Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୧୦. ସର୍ବୋଚ୍ଚ ନିଲାମଧାରୀ ସମସ୍ତ (Clearance) ଦେୟ ଜମା କରିବା ପରେ ସେ ଫାରମ ଢ (Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେସନ (ରେଜିଷ୍ଟ୍ରେସନ୍ ଆକ୍ଟ – ୧୯୦୮ ଓ ଷ୍ଟାମ୍ପ ଆକ୍ଟ – ୧୮୯୯ ଅନୁଯାୟୀ) ସମ୍ପାଦନ କରିବେ । ଏବଂ ପରବର୍ତ୍ତୀବର୍ଷଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ ୧୫ ତାରିଖ ପୂର୍ବରୁ ପଇଠ କରିବା ହେବେ ।

୧୧. ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟର ୨% ଆୟକର (TCS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

ତହସିଲଦାର, ଖୁର୍ଦ୍ଦା

୧୨. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟର ବାଡ଼ଦେଇ ଚିହ୍ନଟ କରିବେ ଏବଂ ତାହା ସମ୍ମୁଖରେ ଏକ ସୂଚନାଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜ ଧାରି ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ବାଲି ଉଠାଇ ପାରିବେ ନାହିଁ ।

୧୪. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ଅତ୍ର କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟଦିବସରେ ଦେଖି ପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ (bhadrak.nic.in) ରେ ମଧ୍ୟ ଦେଖିପାରିବେ ।

୧୫. ନିଲାମ ଦରଖାସ୍ତକାରୀମାନେ ତଥା ଲିଜ ଗ୍ରହିତା ଓଡ଼ିଶା ଲଘୁ ଖଣିଜ ନିୟମ ୨୦୧୬ ଏବଂ ତତ୍‌ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୧୬. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

# ବାଲି ସୈରାତ ଉତ୍ସ ର ବିବରଣୀ

| S.l No | Name of the Sairat Source | Village | Case No | Khata No | Area | Kisam | Minimum Guarented Quantity in C.m | Earnest Money in Rs. | Solvency Certificate in Rs. | Date of Auction |
|---|---|---|---|---|---|---|---|---|---|---|
| 1 | Sand in River Salandi Mz-Baudpur | Baudpur Baghurai | 01/2020-21 | 404 654 | 909(P) 2840(P) | Nadi | 500 CM | 1000 | 4 lakh | 24.03.2021 |

8/3/21

**Tahasildar, Bhadrak**

Tahasildar, Bhadrak